# Akashvani, Sambalpur

## SAMBALPURI NEWS EVENING BULLETIN

## 27 july 2026-7.02- 7.12 pm.

---

୧- ଶ୍ରୀକ୍ଷେତ୍ର ପୁରୀ ନ ଆଏଜ୍ ହେଉଛେ ନୀଳାଦ୍ରୀ ବିଜେ ନୀତି ।

୨- ଲୋକ୍‌ସଭା ନ ଆଗତ୍ ହେଲା ସାର୍ବଜନୀନ ପରୀକ୍ଷା ସଂଶୋଧନ୍ ବିଧେୟକ-୨୦୨୬ ।

୩- ରାଏଜେ ଅବପାତ ଲାଗି ହେଉଥିବା ବର୍ଷା ସ୍ଥିତିକେ ନେଇକରି ସମୀକ୍ଷା କଲେ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ।

ଆଉର୍

୪- ୨୦୨୬-୨୭ ଶିକ୍ଷା ବଛର୍ ଲାଗି ସ୍ନାତକୋତର୍ ଆଉ ବିଏଡ୍ ପାଠ୍ୟକ୍ରମ୍‌ଥି ନାଁଲେଖା ଲାଗି ବାହାର୍‌ଲା ବିଜ୍ଞପ୍ତି ।

ନୀଲାଦ୍ରୀ ବିଜେ ପୁରୀ ସମ୍ବାଦଦାତା

୯ ଦିନିଆ ରଥ୍‌ଯାତ୍ରା ସାରିକରି ଆଏଜ୍ ମହାପ୍ରଭୁ ଶ୍ରୀଜଗନ୍ନାଥ୍, ଶ୍ରୀ ବଳଭଦ୍ର ଆଉ ଦେବୀ ସୁଭଦ୍ରା ଶ୍ରୀମନ୍ଦିର୍ ରତ୍ନ ସିଂହାସନ୍‌କେ ଫିର୍‌ବେ । ଆଉ କିଛି ସମିଆ ଉତ୍‌ରୁ ଗୋଟି ପହଣ୍ଡିଥି ମାହାପୁରୁମାନେ ନୀଲାଦ୍ରୀ ବିଜେ କର୍‌ବେ । ମହାପୁରୁମାନ୍‌କର୍ ନୀଲାଦ୍ରୀ ବିଜେ ହେଉଛେ ଘୋଷଯାତ୍ରାର୍ ଶେଷ୍ ନୀତି । ଇ ବାବ୍‌ଦେ ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ସମ୍ବାଦ୍ ବିଭାଗ୍ ତର୍‌ଫୁ ଗୁଟେ ରିପୋର୍ଟ....

(ଭଏସ୍ ଓଭର୍- ସୁପ୍ରିତୀ ମିଶ୍ର)

*ଶ୍ରୀକ୍ଷେତ୍ର ପୁରୀ ନ ଆଏଜ୍ ସଖାଲୁ ତିନ୍‌ହି ରଥ ନ ମଙ୍ଗଲ୍ ଆଲ୍‌ତୀ, ମଇଲମ, ତଡ଼ପଲାଗି, ଅବକାଶ ପୂଜା, ଗୋପାଲ୍‌ବଲ୍ଲଭ, ସକାଳଧୂପ ନୀତି ଉତ୍‌ରୁ ମହାସ୍ନାନ ପୂଜା, ସର୍ବାଙ୍ଗ ଦୁଇପହର ଧୂପନୀତି ହେଇଥିଲା । ତାର୍ ଉତ୍‌ରୁ ସନ୍ଧ୍ୟାଆଲ୍‌ତୀ ଆଉ ସନ୍ଧ୍ୟାଧୂପ ନୀତି କରାଯାଇକରି ରଥ୍ ଚାର୍‌ମାଲ୍ ବନ୍ଧାଯାଇଥିଲା । ଶେଷେ ବନ୍ଦାବନା ଆଉ ଡୋରଲାଗି କରାଯାଇଥିଲା । ଆଉ କିଛି ସମିଆ ଉତ୍‌ରୁ ବିଜେ କାହାଲି*

ବାଜିକରି ପହଣ୍ଡି ନୀତି ମୁଲ୍ ହେବା । ପହେଲା ମଦନ୍‌ମୋହନ୍ ଆଉ ରାମକୃଷ୍ଣ ବିଗ୍ରହଙ୍କୁ ଦକ୍ଷିଣ ଘର୍‌କେ ପହଣ୍ଡି କରାଯିବା । ଗୋଟି ପହଣ୍ଡିଥି ପହେଲା ସୁଦର୍ଶନ ତାର୍ ଉତ୍‌ରୁ ଶ୍ରୀ ବଳଭଦ୍ର ଆଉ ଦେବୀ ସୁଭଦ୍ରାଙ୍କର୍ ପହଣ୍ଡି କରାଯିବା । ଶେଷେ ପ୍ରଭୁ ଶ୍ରୀ ଜଗନ୍ନାଥ ଗୋଟି ପହଣ୍ଡିଥି ଯାଇକରି ରତ୍ନସିଂହାସନକେ ବିଜେ କର୍‌ବେ । ମାହାପୁରୁଙ୍କୁ ଦେଖିକରି ଅଭିମାନିନୀ ମହାଲକ୍ଷ୍ମୀ ଦୁଆର ବାଟ୍ ବନ୍ଦ୍ କରିଦେବେ । ପଛେ ବୁଝାସୁଝା କରିକରି ରସଗୁଲା ଆର୍ ପାଟବସ୍ତ୍ର ଦେଇକରି ଶ୍ରୀ ଜଗନ୍ନାଥି ମହାଲକ୍ଷ୍ମୀଙ୍କର୍ ମାନଭଞ୍ଜନ୍ କର୍‌ବେ । ଇତାର୍ ସହେତେ ୧୬ ଦିନ୍‌ତକ୍ ଗୁପ୍ତ ଗୁଣ୍ଡିଚା ଯାତ୍ରାଥି ନେବାର୍‌କେ ପ୍ରତିଶ୍ରୁତି ଭିଲ୍ ଦେବେ । ଇ ସମିଆଥି ସ୍ୱତନ୍ତ୍ର ବଚନିକା ହେବାର୍ ସହେତେ ପ୍ରତିଶ୍ରୁତି ମିଲ୍‌ବାର୍ ଉତ୍‌ରୁ ମହାଲକ୍ଷ୍ମୀ କବାଟ୍ ଖୁଲ୍‌ବେ । ମାହାପୁରୁମାନ୍‌କର୍ ନୀଳାଦ୍ରୀ ବିଜେ ଆଉ ଶ୍ରୀ ଜଗନ୍ନା ଆଉ ଦେବୀ ଲକ୍ଷ୍ମୀଙ୍କର୍ ଇ ଅନନ୍ୟ ଲୀଳାଥି ସାମିଲ୍ ହେବାର୍‌କେ ଶ୍ରୀକ୍ଷେତ୍ର ପୁରୀ ନ ଆଏଜ୍ ଲାଖ୍ ଲାଖ୍ ଭକ୍ତଙ୍କର୍ ଭିଡ୍ ଲାଗିଛେ । ଆକାଶବାଣୀ ସମ୍ବଲ୍‌ପୁର୍ ସମ୍ବାଦ ବିଭାଗ୍ ତରଫୁ ସୁପ୍ରିତୀ ମିଶ୍ର ।

ନୀଳାଦ୍ରୀ ବିଜେ-ସୁବର୍ଣ୍ଣପୁର          ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା କୋଟସମ୍ଲେଇ ପାତାଳି ଶ୍ରୀକ୍ଷେତ୍ର ନ ଆଏଜ୍ ମାହାପୁରୁମାନ୍‌କର୍ ନୀଳାଦ୍ରୀ ବିଜେ ହେଇଛେ । ୯ ଦିନିଆ ରଥଯାତ୍ରା ଶେଷ୍ କର୍‌ବାର୍ ଉତ୍‌ରୁ ତିନ୍‌ହି ମାହାପୁରୁ ଗମ୍ଭୀରାକେ ବିଜେ କରିଛନ୍ । ତ୍ରିକୁଟ ପାହାଡ଼ର ତଲୁ ତିନ୍‌ହି ମାହାପୁରୁଙ୍କୁ ଛଲିଆ ଶିଖର୍‌କେ ଗୋଟି ପହଣ୍ଡିଥି ଶହେ ୮ ପାଉଁଚ ଦେଇକରି ନିଆଯାଉଥିବାର୍ ବେଲେ ନୀଳାଦ୍ରୀ ବିଜେ ଦେଖିବାର୍ ଲାଗି ହଜାର୍ ହଜାର୍ ଭକ୍ତଙ୍କର୍ ଭିଡ୍ ହେଇଛେ ।

ସଂସଦ୍          ଏନ୍‌ଏସ୍‌ଡି

ସାର୍ବଜନୀନ ପରୀକ୍ଷା ସଂଶୋଧନ୍ ବିଧେୟକ-୨୦୨୬ ଆଏଜ୍ ଲୋକ୍‌ସଭା ନ ଆଗତ ହେଇଛେ । ସାର୍ବଜନୀନ ପରୀକ୍ଷା ଅଧିନିୟମ୍ ୨୦୨୪ ଥି କେତେଟା ସଂଶୋଧନ୍ କରାଯାଇକରି ଇ ବିଧେୟକ୍ ସଂସଦର୍ ମଞ୍ଜୁରୀ ଲାଗି ଆଗତ୍ କରାଯାଇଛେ । ଆଏଜ୍ ମଏଧାନର୍ ୧୨ ବଜେ ପହେଲା ମୁଲ୍‌ତବୀ ଉତ୍‌ରୁ

ଲୋକ୍‌ସଭା ସମ୍ମିଲୀତ୍ ହେବାର୍‌ଖୂନ୍ ସାଧାରଣ୍ ଅଭିଯୋଗ୍ ଆଉ ପେନ୍‌ସନ୍ ମନ୍ତ୍ରୀ ଡକ୍ଟର୍ ଜିତେନ୍ଦ୍ର ସିଂ ଇ ବିଧେୟକ୍ ଆଗତ୍ କରିଥିଲେ । ବିଧେୟକ୍ ଆଗତ୍ ସମିଆଥି ବିରୋଧୀ ସଦସ୍ୟମାନେ ନିଟ୍ ଘଟ୍‌ନାଥି ବିକ୍ଷୋଭ୍ କରୁଥିବା ଛାତ୍ରଛାତ୍ରୀମାନ୍‌କର୍ ଉପ୍‌ରେ ପୁଲିସ୍‌ର ପଦକ୍ଷେପ୍ ବାବ୍‌ଦେ କାର୍ଯ୍ୟାନୁଷ୍ଠାନ୍ ଦାବି କରିଥିଲେ । ବାଚସ୍ପତି ଓମ୍ ବିର୍ଲା ସଦସ୍ୟମାନ୍‌କୁ ଆଲୋଚନାଥି ଭାଗ୍ ନେଇକରି ସେମାନ୍‌କର୍ ମୂଲ୍ୟବାନ୍ ମତାମତ୍ ଦେବାର୍‌କେ ଆହ୍ୱାନ୍ ଦେଇଥିଲେ । ସେ କହିଥିଲେ, ଇତାର୍ ଜରିଏ ଦେଶର୍ ପରୀକ୍ଷା ବ୍ୟବସ୍ଥାଥି ସଂସ୍କାର୍ ଆନ୍‌ବାର୍ କ୍ଷେତ୍ରଥି ସକ୍ରିୟ ପଦକ୍ଷେପ୍ ନିଆଯାଇପାର୍‌ବା । ବାଚସ୍ପତିଙ୍କର୍ ଅନୁରୋଧ୍ ସତ୍ତ୍ୱେ ବିରୋଧୀ ସଦସ୍ୟମାନ୍‌କର୍ ହୋହଲ୍ଲା ଜାରି ରହେବାର୍‌ନୁ ଗୃହକେ ଥର୍‌ଥର୍ କରି ଆଏବା କାଏଲ୍‌ତକ୍ ମୁଲ୍‌ତବୀ ରଖାଯାଇଛେ । ରାଜ୍ୟସଭା ନ ଭିଲ୍ ସମାନ୍ ସ୍ଥିତି ଲାଗି ରହେବାର୍‌ନୁ ଗୃହକେ ଆଏବା କାଏଲ୍‌ତକ୍ ମୁଲ୍‌ତବୀ ଘୋଷ୍‌ନା କରାଯାଇଛେ ।

ମୁଖ୍ୟମନ୍ତ୍ରୀ ଜନ ଅଭିଯୋଗ୍ ଶୁଣାଣି ହି.ସ.

ରାଜ୍ୟବାସୀଙ୍କର୍ ସମସ୍ୟାର୍ ସ୍ଥାୟୀ ପ୍ରତିକାର୍ ସର୍କାର୍ଙ୍କର୍ ମୁଖ୍ୟ ପ୍ରାଥମିକତା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍ନେଶ୍ୱର୍ ୟୁନିଟ୍ - ୨ ଠାନେ ଆଏଜ୍ ହେଇଥିବା ଜନଶୁଣାଣି କାର୍ଯ୍ୟକ୍ରମ୍ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ମାନ୍କର୍ ପ୍ରତ୍ୟକ୍ଷ ଭାବେ ଶୁଣାଣି କରିକରି ସବୁ ଆବେଦନ୍ର ତୁର୍ତି ଆଉ ସମିଆଥି ସମାଧାନ୍ ଲାଗି ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ଶିବିର୍ଥି ୧ ହଜାର୍ ଅଭିଯୋଗ୍ ପଞ୍ଜିକୃତ୍ ହେଇଥିଲା । ରାଜ୍ୟସ୍ତର୍ ନ ଆଗ୍ରୁ ଆସିଥିବା ୧୪ ହଜାର୍ ୯ ଶହ ୪୧ ଟା ଅଭିଯୋଗ୍ ଭିତ୍ରୁ ୯୬ ପ୍ରତିଶତ୍ ଅଭିଯୋଗ୍ର ସମାଧାନ୍ ହେଇସାରିଛେ । ଆଏଜ୍ ଅଭିଯୋଗ୍ ଶୁଣାଣି ଶିବିର୍ଥି ଦିବ୍ୟାଙ୍ଗ ଆଉ ଜଟିଳ ରୋଗ୍ଥି ପିଡ଼ିତ ୧୨ ଝନ୍ ରୋଗୀଙ୍କର୍ ଲାଗି ମୁଖ୍ୟମନ୍ତ୍ରୀ ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମ୍ ଜରିଏ ୬ ଲାଖ୍ ୧୫ ହଜାର୍ ଟଙ୍କା ଚିକିତ୍ସା ସାହାଜ୍କେ ତୁର୍ତି ମଞ୍ଜୁର୍ କରିଛନ୍ । ଅନ୍ଲାଇନ୍ ଆଉ ଅଫ୍ଲାଇନ୍କେ ମିଶେଇକରି ଆଏଜ୍ ୭ ଶହ

ନୁ ଅଏତ୍‌କା ଅଭିଯୋଗ୍ ଗ୍ରହଣ୍ କରାଯାଇଛେ । ମୁଖ୍ୟମନ୍ତ୍ରୀଙ୍କର୍ ସହେତେ ଭିନ୍ ଭିନ୍ ବିଭାଗ୍‌ର ମନ୍ତ୍ରୀମାନେ ଯୋଗ୍ ଦେଇକରି ଅଭିଯୋଗ୍‌ର ଶୁଣାଣି କରିକରି ଇତାର୍ ତୁର୍‌ତି ସମାଧାନ୍ ଲାଗି ପଦ୍‌କ୍ଷେପ୍ ନେଉଛନ୍ ।

ଉଚ୍ଚମାଧ୍ୟମିକ ବିଦ୍ୟାଳୟକୁ ଉନ୍ନୀତ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ୨୦ ଟା ଜିଲ୍ଲାର୍ ୭୧ ଟା ମାଧ୍ୟମିକ୍ ବିଦ୍ୟାଳୟକେ ଉଚ୍ଚମାଧ୍ୟମିକ ବିଦ୍ୟାଳୟକେ ଉନ୍ନୀତ୍ କରାଯିବା ବଲି କେନ୍ଦ୍ର ଶିକ୍ଷାମନ୍ତ୍ରଣାଳୟ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଇଥିର୍‌ଲାଗି କେନ୍ଦ୍ର ସର୍‌କାର୍ ଚଲ୍‌ତି ଆର୍ଥିକ୍ ବଛର୍ ଲାଗି ଶହେ ୪୦ କୋଟି ୭୩ ଲାଖ୍ ୮୦ ହଜାର ଟଙ୍କା ମଞ୍ଜୁର୍ କରିଛନ୍ । ୬୦ଟା ବିଦ୍ୟାଳୟ ନ କଳା ଆଉ ୧୧ଟା ବିଦ୍ୟାଳୟ ନ ବିଜ୍ଞାନ ବିଭାଗ ମୁଲ୍ ହେବା । ଗଞ୍ଜାମ ଜିଲ୍ଲା ନ ସବୁନୁ ଜହ ୧୨ଟା ମାଧ୍ୟମିକ ବିଦ୍ୟାଳୟକେ ଉଚ୍ଚମାଧ୍ୟମିକ ବିଦ୍ୟାଳୟଥି ଉନ୍ନୀତ କରାଯିବା ।

ହେପାଟାଇଟିସ୍-୨୦୩୦ ଆର୍‌ଏନ୍‌ୟୁ/ କଟକ୍

୨୦୩୦ ମସିହାତକ୍ ହେପାଟାଇଟିସ୍‌କେ ମୂଲ୍‌ହୁ ସଫା କର୍‌ବାର୍ ଲାଗି ବ୍ୟବସ୍ଥାଗତ ପ୍ରକ୍ରିୟା ବର୍‌କସ୍ କର୍‌ବାର୍‌କେ ଭାରତ୍ ପଦକ୍ଷେପ୍ ନେଉଛେ । ଜାତୀୟ ଭାଇରଲ୍ ହେପାଟାଇଟିସ୍ ନିୟନ୍ତ୍ରଣ୍ କାର୍ଯ୍ୟକ୍ରମ୍ ଅଧୀନ୍‌ଥି ଇ କ୍ଷେତ୍ରଥି ଭିନ୍ ଭିନ୍ ବ୍ୟବସ୍ଥା କରାଯାଉଛେ । ଜାତୀୟସ୍ତରୀୟ ସ୍ୱାସ୍ଥ୍ୟ ପଦକ୍ଷେପ୍ ମାନ୍ ଗ୍ରହଣ୍ କରାଯାଇକରି ଲୁକ୍‌କୁ ହେପାଟାଇଟିସ୍ ସଂକ୍ରମଣ୍ ଚିହ୍ନଟ୍ କର୍‌ବାର୍ ଆଉ ତାର୍ ନିରାକରଣ୍ ଲାଗି ଭିଲ୍ ବ୍ୟବସ୍ଥା କରାଯାଇଛେ ।

ସମୀକ୍ଷା ବୈଠକ୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ଅବପାତ ଲାଗି ହେଉଥିବା ବର୍ଷା ସ୍ଥିତିକେ ନେଇକରି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ

ଆଏଜ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଗୁଟେ ସମୀକ୍ଷା ବୈଠକ୍ କରିଛନ୍ । ପ୍ରଭାବିତ୍ ହେଇଥିବା ଜିଲ୍ଲାର୍ ଜିଲ୍ଲାପାଲ୍‌ମାନ୍‌କର୍ ସହେତେ ଆଲୋଚନା କରିକରି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍, ସମ୍ଭାବ୍ୟ ବର୍ଷାକେ ନଜର୍‌ଥି ରଖିକରି ସର୍‌କାର୍ ଆଉ ଜିଲ୍ଲା ପ୍ରଶାସନ୍ ସବୁ ପ୍ରକାର୍‌ର ପ୍ରସ୍ତୁତି କରିଛନ୍ । ଦର୍‌କାର୍ ସ୍ଥଲ୍‌ଥି ତଲିଆ ଇଲାକା ନ ରହୁଥିବା ଲୋକ୍‌ମାନ୍‌କୁ ସ୍ଥାନାନ୍ତର୍ କରାଯିବାର୍ ସହେତେ ସୁଖିଲା, ରନ୍ଧା ଖାଏବାର୍‌ଟା ବଂଟାଯିବା । ଅଗ୍ନିଶମ ଆଉ ଓଡ୍ରାଫ୍ ଦଲ୍‌କେ ପ୍ରସ୍ତୁତ୍ କରାଯାଇକରି ରଖାଯାଇଛେ । ଦର୍‌କାର୍ ହେଲେ ସେମାନ୍‌କୁ ଭିନ୍ ଭିନ୍ ଜାଗା ନ ମୁତୟନ୍ କରାଯିବା ବଲି ମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ରାଜସ୍ୱ ମନ୍ତ୍ରୀ)

ଇଭି ଚାର୍ଜିଂ ସେଂଟର୍ ହି.ସ.

ରାଜ୍ୟର୍ ଭିନ୍ ଗହଲି ଜାଗା ମାନ୍‌କେ ୫ ଶହ ଟା ଇ.ଭି. ଚାର୍ଜିଂ ଷ୍ଟେସନ୍ କରାଯିବାର୍‌କେ ଲକ୍ଷ୍ୟ ରଖାଯାଇଛେ ବଲି ସଡ଼କ୍ ଆଉ ପରିବହନ୍ ମନ୍ତ୍ରୀ ବିଭୂତିଭୂଷଣ୍ ଜେନା କହିଛନ୍ । ରାଜ୍ୟ ଆଉ ଜାତୀୟ ରାଜ୍‌ପଥ୍ ତରାଥି ଇ ଚାର୍ଜିଂ ଷ୍ଟେସନ୍ ଥାପ୍‌ନା

କରାଯିବା । ପି.ଏମ୍. ଇ-ଡ୍ରାଇଭ୍ ଯୋଜ୍‌ନା ଜରିଏ କେନ୍ଦ୍ର ସର୍‌କାର୍ ରାଜ୍ୟକେ ପ୍ରୋତ୍ସାହନ୍ ଦେଉଛନ୍ । ଇହାଦେ ରାଏଜେ ଶହେ ଟା ଇ.ଭି. ଚାର୍ଜିଂ ଷ୍ଟେସନ୍ କାର୍ଯ୍ୟକାରୀ ହେଉଛେ ବଲି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ ।

ସ୍ନାତକୋତର୍ ପାଠ୍ୟକ୍ରମ୍-ନାଁଲେଖା ଆଇ.ଆଣ୍ଡ୍.ପି.ଆର୍

୨୦୨୬-୨୭ ଶିକ୍ଷା ବଛର୍ ଲାଗି ସ୍ନାତକୋତର୍ ପାଠ୍ୟକ୍ରମ୍‌ଥି ନାଁଲେଖାବାର୍‌କେ ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ଛାତ୍ରଛାତ୍ରୀମାନେ ଆଏବା ମାସ ୨ ତାରିଖ୍‌ତକ୍ ସାମ୍ସ ପୋର୍ଟାଲ୍‌ଥି ଚଏସ୍ ଲକିଂ କରିପାର୍‌ବେ । ଅଗଷ୍ଟ ମାସର୍ ୭ ତାରିଖ୍ ପହେଲା ମେଧା ତାଲିକା ବାହାର୍‌ବା । ସେନ୍ତା ଅଗଷ୍ଟ ୧୭ ତାରିଖ୍ ୨ ନମ୍ବର୍ ମେଧା ତାଲିକା ବାହାରିକରି ୨୧ ତାରିଖ୍‌ନୁ ପହେଲା ବଛର୍ ପାଠ୍‌ପଢ଼ା ମୁଲ୍ ହେବା । ଇ ବଛର୍ ଶହେ ୩୫ ଟା ଉଚ୍ଚଶିକ୍ଷାନୁଷ୍ଠାନ୍ ନ ମୋଟ୍ ୩୨ ହଜାର୍ ୫ ଶହ ୩୧ ଟା ପି.ଜି. ସିଟ୍ ରହିଛେ ।

ନାଁଲେଖା ଆଇ.ଆଣ୍ଡ୍.ପି.ଆର୍

୨୦୨୬ -୨୭ ଶିକ୍ଷା ବଛର୍ ଲାଗି ୨ ବର୍ଷିଆ ବିଏଡ୍, ବିଏଚ୍ଏଡ୍ ଆର୍ ଏମ୍ଏଡ୍ ପାଠ୍ୟକ୍ରମ୍‌ଥି ନାଁଲେଖାବାର୍ ଲାଗି ଉଚ୍ଚଶିକ୍ଷା ବିଭାଗ୍ ତର୍ଫୁ ବିଜ୍ଞପ୍ତି ବାହାରିଛେ । ପାଠ୍ୟକ୍ରମ୍ ମାନ୍‌କେ ନାଁଲେଖା ପ୍ରବେଶିକା ପରୀକ୍ଷା ମାର୍କ ଆଧାର୍‌ଥି କରାଯିବା । ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲ୍ ଜରିଏ ଆଏବା ମାସ ୫ ତାରିଖ୍ ରାତିର୍ ୧୧ ବାଜିକରି ୪୫ ମିନିଟ୍‌ତକ୍ ନିଜର୍ ପସନ୍ଦ୍‌ର ଉଚ୍ଚଶିକ୍ଷାନୁଷ୍ଠାନ୍ ନ ଆଡ୍‌ମିସନ୍ ଲାଗି ଚଏସ୍ ଲକିଂ କରିପାର୍‌ବେ । ଆଏବା ମାସ ୧୧ ତାରିଖ୍ ପହେଲା ମେଧା ତାଲିକା ବାହାର୍‌ବା । ବଛାଯାଇଥିବା ଛାତ୍ରଛାତ୍ରୀମାନେ ଅଗଷ୍ଟ ୧୪ ତାରିଖ୍‌ତକ୍ ସାମ୍ସ ପୋର୍ଟାଲ୍‌କେ ଯାଇକରି ଫ୍ରିଜ୍ ନାହେତ ସ୍ଲାଇଡ୍ ବିକଳ୍ପ ବାଛିପାର୍‌ବେ । ସେନ୍ତା ଅଗଷ୍ଟ ୨୦ ତାରିଖ୍ ସଖାଲ୍‌ବେଲା ୨ ନମ୍ବର୍ ମେଧା ତାଲିକା ବାହାର୍‌ବା । ଇତାର୍‌ସହେତେ ୨୫ ତାରିଖ୍‌ନୁ ଉଚ୍ଚଶିକ୍ଷାନୁଷ୍ଠାନ୍ ମାନ୍‌କେ

ପହେଲା ବଛର୍ ପାଠ୍‌ପଢ଼ା ମୁଲ୍ ହେବା ବଲି ଉଚଶିକ୍ଷା ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ସୁଶାନ୍ତ ସିଂଙ୍କର୍ ପରଲୋକ୍ ହି.ସ.

ଆଘର୍ ମନ୍ତ୍ରୀ ଆଉ ବିଜେଡ଼ି ନେତା ସୁଶାନ୍ତ ସିଂଙ୍କର୍ ୫୩ ବଛର୍ ବୟେସେ ଚିକିତ୍ସାଧୀନ୍ ଅବସ୍ଥାଥି ପରଲୋକ୍ ହେଇଯାଇଛେ । ସେ ଭଟ୍‌ଲି ବିଧାନ୍‌ସଭା ଆସନ୍‌ନୁ ୩ ଥର୍ ନିର୍ବାଚିତ୍ ହେଇଥିଲେ । ଇତାର୍‌ଛଡ଼ା ସେ ଶ୍ରମ ଆଉ ଗ୍ରାମୀଣ୍ ବିକାଶ୍‌ମନ୍ତ୍ରୀ ଭାବେ ଦାୟିତ୍ୱ ଭିଲ୍ ତୁଲେଇଥିଲେ । ତାକର୍ ପରଲୋକ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶୋକ ପ୍ରକାଶ୍ କରିଛନ୍ । ଅମର୍ ଆତ୍ମାର୍ ସଦ୍‌ଗତି କାମ୍‌ନା କର୍‌ବାର୍ ସହେତେ ସେ ପରିବାର୍ ଲୁକ୍‌କୁ ସମବେଦନା ଜନେଇଛନ୍ । ବାଚସ୍ପତି ସୁରମା ପାଢ଼ୀ ତାଙ୍କର୍ ପରଲୋକଥି ଦୁଖ ପ୍ରକାଶ୍ କରିକରି ରାଜ୍ୟବାସୀଙ୍କର୍ ଲାଗି ଇଟା ଗୁଟେ ବହୁତ୍ ବଡ଼ କ୍ଷତି ବଲି କହିଛନ୍ ।

ବିରୋଧୀ ଦଲ୍ ନେତା ନବୀନ୍ ପଟ୍ଟନାୟକ୍ -ସୁଶାନ୍ତ ସିଂଙ୍କର୍ ପରଲୋକ୍‌ଥି ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ବିଧାନ୍‌ସଭା ପରିସର୍ ନ ଆଘର୍ ମନ୍ତ୍ରୀ ସ୍ୱର୍ଗତ ସିଂଙ୍କୁ ଗାର୍ଡ୍ ଅଫ୍ ଅନର୍ ଦିଆଯାଇଛେ । ସେଠାନେ ମନ୍ତ୍ରୀ ଆଉ ବିଧାୟକ୍‌ମାନେ ଶ୍ରଦ୍ଧାଞ୍ଜଳି ଜନେଇଥିଲେ । ଆଏବା କାଏଲ୍ ସଖାଲର୍ ୯ ବଜେ ଗୁଟେ ବିରାଟ୍ ଶୋଭାଯାତ୍ରାଥି ତାକର୍ ଜନମ୍‌ମାଏଟ୍ ବାଉଁଶେନ୍‌ମୁରା ଗାଁକେ ନିଆଯାଇକରି ତାକର୍ ଶେଷକୃତ୍ୟ କରାଯିବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ -ପଶ୍ଚିମ ବଙ୍ଗୋପ୍‌ସାଗର୍ ଆଉ ତାକେ ଲାଗିକରି ଥିବା ପଶ୍ଚିମବଙ୍ଗ ଓଡ଼ିଶା ସମୁଦ୍ରଖଁଡ଼ି ନ ବନିଥିବା ଲଘୁଚାପ୍ ଅବପାତ୍‌ର ରୂପ୍ ନେଇଛେ । ଇଟା ଗଭୀର ଅବପାତଥି ବଦ୍‌ଲିଛେ । ଇତାର୍ ପ୍ରଭାବ୍‌ଥି ରାଏଜେ ବର୍ଷା ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ସୁନ୍ଦର୍‌ଗଡ୍, ମୟୁର୍‌ଭଞ୍ଜ ଆଉ କେନ୍ଦୁଝର୍ ଜିଲ୍ଲା ନ ଜବର୍‌ନୁ ଅତି ଜବର୍ ବର୍ଷା ହେବା ବଲି

ଆଂଚଳିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।